


ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବ୍ରାହ୍ମଣୀ ନଦୀର ସାରଙ୍ଗଧର ସେତୁ ଉପରେ ରବିବାର ଏକ ମାଲ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି କଂକ୍ରିଟ ବାଡ଼ ଭାଙ୍ଗି ନଦୀ ଭିତରକୁ ଝୁଲନ୍ତା ଅବସ୍ଥାରେ ରହିଛି। (ଫଟୋ-ମାନସ)

# ପୂଜାକୁ ସରସସୁନ୍ଦର କରିବା ପାଇଁ ବ୍ଲୁପ୍ରିଣ୍ଟ

**ଢେଙ୍କାନାଳ ଅଫିସ, ୭।୮**



ବୈଠକରେ ଉପସ୍ଥିତ ଜୁବିଲିଟାଉନ୍-୧ନଂ. ପୂଜା ପ୍ରତିଷ୍ଠାନର ସଦସ୍ୟ।

ଢେଙ୍କାନାଳ ଜୁବିଲିଟାଉନ୍-୧ନଂ. ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜାକୁ ସରସ ସୁନ୍ଦର କରି ପାଳନ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସ୍ଥାନୀୟ ନାଗେଶ୍ୱର ଶିବ ମନ୍ଦିରରେ ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ପାଇଁ ଦୁଇବର୍ଷ ହେଲା ପ୍ରତୀକାତ୍ମକ ଭାବେ ପୂଜା ଉତ୍ସବ ପାଳନ କରାଯାଇଥିଲା। ଚଳିତବର୍ଷ ଭୂତାଣୁ ଭୟ କମିଥିବାରୁ ପୂଜାକୁ ଜାକ୍‌ଜକମର ସହ ପାଳିବାକୁ ସମ୍ପାଦକ ବିନୋଦ କୁମାର ମହାନ୍ତି ନୀଳ ନକ୍ସା ଉପସ୍ଥାପନ କରିଥିଲେ। ଉପସଭାପତି ଦିଲୀପ ମିଶ୍ର, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ବାରିକ ବିବରଣୀ ଉପସ୍ଥାପନ କରିଥିବାବେଳେ ସଭାରେ ଉପସ୍ଥିତ ବରିଷ୍ଠ ଏବଂ

**ଜୁବିଲିଟାଉନ୍-୧ ଲକ୍ଷ୍ମୀପୂଜା ପ୍ରସ୍ତୁତି**

ଅଭିଜ୍ଞ ସଦସ୍ୟମାନେ ବହୁମୂଲ୍ୟ ମତ ଦେଇଥିଲେ। ଉପସଭାପତି ସନ୍ତୋଷ ଆଚାର୍ଯ୍ୟ, ସହ ସମ୍ପାଦକ ରାଜେନ୍ଦ୍ର ବରାଳ, ବରିଷ୍ଠ ସଦସ୍ୟ ପ୍ରମୋଦ ବେହେରା, ଶିବ ପ୍ରସାଦ ମିଶ୍ର, କୈଳାସ ରାଉତ, ଇନ୍ଦ୍ରମଣି ବେହେରା, ନିରାକାର ସାମନ୍ତରାୟ, ଯୁବ ସଦସ୍ୟ ଶରତ ଜେନା, ଜ୍ୟୋତିପ୍ରକାଶ ବେଉରା, ମନୋଜ ମହାପାତ୍ର, ବିରଞ୍ଚି ପ୍ରଧାନ, ଅଜିତ୍ ମହାପାତ୍ର, ପାକୁ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ସୁନିଆଁ ତିଥିର ସପ୍ତାହକ ପୂର୍ବରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁଇ ସାମାଜିକ କର୍ମୀ ରାଜ୍ୟସଂଘକୁ ଚୟନ




ସନ୍ଦୀପ ଷଡ଼ଙ୍ଗୀ ଓ ଦେବୀଦତ୍ତ ମହାପାତ୍ର।

**ଢେଙ୍କାନାଳ ଅଫିସ, ୭।୮:** ଢେଙ୍କାନାଳ ଜିଲାର ଦୁଇଜଣ ସାମାଜିକ କର୍ମୀ ରାଜ୍ୟ ସମାଜସେବୀ ମହାସଂଘକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବଜରଙ୍ଗ କ୍ଲବର ସଭ୍ୟ ସନ୍ଦୀପ ଷଡ଼ଙ୍ଗୀ ଏବଂ ପିପୁଲ୍ସ ଫର ସ୍ମାଇଲର ଦେବୀଦତ୍ତ ମହାପାତ୍ର। ସନ୍ଦୀପଙ୍କୁ ରାଜ୍ୟ ଉପସଭାପତି ଓ ଜିଲା ସଂଯୋଜକ ଭାବେ ଏବଂ ଦେବୀଦତ୍ତଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି। ରାଜ୍ୟ ସମାଜସେବୀ ମହାସଂଘର ମହାସଚିବ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ସଭାପତି ନରୋତ୍ତମ ଦାସ, ସମ୍ପାଦକ ନାରାୟଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଉଭୟଙ୍କୁ ରାଜ୍ୟ ମହାସଂଘକୁ ମନୋନୀତ କରାଯାଇଥିଲା। ଢେଙ୍କାନାଳ ଜିଲାରେ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ରହିଛି। ବର୍ଷତମାମ ଯୁବବର୍ଗ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଛନ୍ତି। ସେମାନଙ୍କୁ ସଙ୍ଗଠିତ କରି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଆଗକୁ ନେବା, ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଅସହାୟଙ୍କୁ ସହାୟତା ଯୋଗାଇ ଦେବା, ସର୍ବୋପରି ସାଂସ୍କୃତିକ ବିକାଶ କଥା ବୁଝିବା ଭଳି ଗୁରୁଦାୟିତ୍ୱ ତୁଲାଇବାକୁ ଉଭୟଙ୍କୁ ପରାମର୍ଶ ଦିଆଯାଇଛି।

# ପ୍ରକଳ୍ପ ଥାଇ ଜମି ପଡ଼ିଆ

**(ସରୋଜ କୁମାର ମିଶ୍ର)**
**ରାସୋଳ, ୭।୮**



ଅଖି ମୁଠି ଅନୁକୂଳ କରି ଜ୍ୟେଷ୍ଠ ମାସରୁ ଅପେକ୍ଷା କରିଛି ଚାଷୀ। ଆଷାଢ଼ ଗଲା। ସରିବାକୁ ବସିଲାଣି ଶ୍ରାବଣ। ଅଥଚ ଯେଉଁ ପରିମାଣର ବର୍ଷା ହେବା କଥା, ତାହା ହେଲାନାହିଁ। ଯଦିଓ ଜୁଲାଇରେ ଜୁନ୍ ତୁଳନାରେ ଅପେକ୍ଷାକୃତ ଭଲ ବର୍ଷିଲା, ହେଲେ ପ୍ରଚଣ୍ଡ ଖରା ପାଇଁ ଜମିରେ ପାଣି ରହିଲାନି। ଯେଉଁ କେତେକ ସ୍ଥାନରେ ଭୂଇଁ ବତର ରହିଲା ସେଠାରେ ପାଣି ଅଭାବରୁ ତଳି ରୋଇବା ସହଜ ହେଲାନାହିଁ। ଧିମେଇଗଲା ରୁଆ ସାଙ୍ଗକୁ ବେଉଷଣ। ଅଗଷ୍ଟ ପ୍ରଥମ ସପ୍ତାହରେ ଲଘୁଚାପ ପ୍ରଭାବରେ ଭଲ ବର୍ଷା ହୋଇଥିଲେ ହେଁ ଜମିରେ ପାଣି ରହୁ ନ ଥିବାରୁ ୭୫% ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର ୧୦ ପଞ୍ଚାୟତର ଚାଷୀ। ୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଥିବା ସତ୍ତ୍ୱେ କେନାଲ ପାଣି ତଳମୁଣ୍ଡରେ ପହଞ୍ଚି ପାରୁ ନ ଥିବାବେଳେ ସମୟ ଗଡ଼ିଯାଉଥିବାରୁ ତଳି ମଧ୍ୟ ବୁଢ଼ା ହେବାକୁ ବସିଲାଣି। ଫଳରେ ଚଳିତବର୍ଷ ଖରିଫ୍ ଧାନ ଚାଷ କିପରି ହେବ, ତାହାକୁ ନେଇ ଆଶଙ୍କାରେ ପଡ଼ିଛନ୍ତି ସେମାନେ।

ହିନ୍ଦୋଳ ବ୍ଲକର ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ। ବିଶେଷ କରି ରାସୋଳ, ବୁହାଳିପାଳ, ଦଣ୍ଡିରି, ଖଲିବୋରେଇ, ବାବନ୍ଧ, ଗଣ୍ଡାନାଳି, କୁନୁଆ, ନବକିଶୋରପୁର, ଜରଡ଼ା, ଗିରିଧରପ୍ରସାଦ ପଞ୍ଚାୟତର ୬୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ବ୍ୟାପକ ପରିମାଣର ଖରିଫ୍ ଧାନ ଚାଷ କରାଯାଇଥାଏ। ସାଧାରଣତଃ ଜୁଲାଇ ଶେଷ ସୁଦ୍ଧା ୫୦% ଏବଂ ଅଗଷ୍ଟ ୧୫ ସୁଦ୍ଧା ରୁଆ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବା କଥା। ହେଲେ ଅନିୟମିତ ବୃଷ୍ଟିପାତ ଯୋଗୁ ପ୍ରାୟ ୭୫% ଜମି ପଡ଼ିଆ ପଡ଼ିଛି। ଗତ ଦୁଇଦିନ ହେଲା ଭଲ ବର୍ଷା ହୋଇଥିଲେ ମଧ୍ୟ ଜମି ପାଗ ନ ଥିବାରୁ ବେଶି କିଛି ଲାଭ ମିଳିବନାହିଁ ବୋଲି ଚାଷୀମାନେ କହିଛନ୍ତି।

ବର୍ଷାଭାବ ସମସ୍ୟା ଭିତରେ ଆଉ ଯେଉଁ କଥାଟି ସାମ୍ନାକୁ ଆସିଛି, ତାହା

- ରାସୋଳ ଅଞ୍ଚଳରେ ଧିମେଇଛି ଚାଷ
- ତଳ ମୁଣ୍ଡରେ ପହଞ୍ଚୁନି କେନାଲ ପାଣି
- ରୁଆ, ବେଉଷଣ କାର୍ଯ୍ୟ ବାଧାପ୍ରାପ୍ତ

ହେଉଛି କେନାଲ ଜଳ ପରିଚାଳନାରେ ଅବ୍ୟବସ୍ଥା। ଅଞ୍ଚଳର ଜମିକୁ ଜଳଯୋଗାଣ ଲାଗି ସାପୁଆ ଏବଂ କାଳିଯୋଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇଛି। ହେଲେ ଦୂରଦୃଷ୍ଟି ଅଭାବ, ପରିତ୍ୟକ୍ତ ହୋଇପଡ଼ିଥିବା କେନାଲ ଏବଂ ତଳମୁଣ୍ଡକୁ ପାଣି ପହଞ୍ଚୁ ନ ଥିବାରୁ ଅଡୁଆ ବଢ଼ିଛି। ସାପୁଆ ଜଳଭଣ୍ଡାରରୁ ରାସୋଳ ମାଇନର କେନାଲ, କୁନୁଆ ସବ୍‌ମାଇନର କେନାଲ, ରାଇଟ୍ ମୁଖ୍ୟ କେନାଲ ମାଧ୍ୟମରେ ୨୪୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ଏହାଦ୍ୱାରା ରାସୋଳ, ଦଣ୍ଡିରି, କୁନୁଆ ପଞ୍ଚାୟତ ସମେତ ବୁହାଳିପାଳ ଅଞ୍ଚଳର ଚାଷୀ ଉପକୃତ ହୋଇପାରୁଛନ୍ତି। ତେବେ ଯେତିକି ପାଣି ଛଡ଼ା ଯାଉଛି, ତାହା ତୁଳନାରେ ଚାହିଦା ଅଧିକ ରହୁଥିବାରୁ ତଳମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାମକୃଷ୍ଣ ସାହୁ କୁହନ୍ତି, ଚାଷ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଜୁଲାଇ ୧୫ରୁ ପାଣି ମଧ୍ୟ ଛଡ଼ାଯାଇଛି। ଚାଷୀ ଯେପରି କେନାଲର ପାଣିର ସୁବିଧା ନେଇପାରିବେ ସେହି ବ୍ୟବସ୍ଥା କରାଯାଉଛି। ସେହିପରି ବୁହାଳିପାଳସ୍ଥିତ କାଳିଯୋଡ଼ି ପ୍ରୋଜେକ୍ଟ ମାଧ୍ୟମରେ ୪୫୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ତେବେ ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବରୁ କେନାଲ ପରିତ୍ୟକ୍ତ ହୋଇପଡ଼ିଛି। ତେଣୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ ପାଣି ମାଡ଼ିବା ସୁବିଧା ଥିଲେ ମଧ୍ୟ ଏହା କେବଳ ବୁହାଳିପାଳ ପଞ୍ଚାୟତ ମଧ୍ୟରେ ସୀମିତ ରହିଯାଇଥିବା ଚାଷୀମାନେ କହିଛନ୍ତି। ଅନ୍ୟପଟେ ଗତ ୪ଦିନ ହେଲା କେନାଲରେ ପାଣି ଛଡ଼ାଯାଇଥିବା କନିଷ୍ଠ ଯନ୍ତ୍ରୀ ଅନିଲ ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ ସମ୍ପୃକ୍ତ ୧୦ ପଞ୍ଚାୟତରେ ବର୍ଷାଜଳ ସଂରକ୍ଷଣ କରିବା ଲାଗି ୩୫ରୁ ଊର୍ଦ୍ଧ୍ୱ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଥିଲେ ମଧ୍ୟ ଦୂରଦୃଷ୍ଟି ଅଭାବରୁ ଏହା କାମରେ ଆସୁନାହିଁ।

ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ କୁହନ୍ତି, ହିନ୍ଦୋଳ ବ୍ଲକରେ କେଉଁଠି ଅତ୍ୟଧିକ ତ ଅନ୍ୟ କେଉଁଠି କମ୍ ବର୍ଷା ହୋଇଛି। ଫଳରେ କେତେକ ସ୍ଥାନରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଚାଷୀମାନେ ଖାଲୁଆ ଜମିରେ ଧାନ ଚାଷ ତ୍ୱରାନ୍ୱିତ କରିବା ଆବଶ୍ୟକ। ଅପେକ୍ଷାକୃତ ଡିପ ଜମିରେ ମାଣ୍ଡିଆ ଚାଷ କରିବାକୁ କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ସେହିପରି କେନାଲ ପାଣି ଯେପରି ସବୁ ଅଞ୍ଚଳରେ ପହଞ୍ଚିବ ସେଥିଲାଗି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

**୧୮ ଏକର ଜମିରେ ଚାଷ ହୋଇନାହିଁ**



“ଚଳିତ ବର୍ଷ ଜମିରେ ପାଣି ନ ଥିବାରୁ ୨୦ ଏକର ଜମିରୁ କେନାଲ ଜଳ ମାଡୁଥିବା ମାତ୍ର ୨ ଏକର ଜମିରେ ଚାଷ ହୋଇପାରିଛି। ବଳକା ୧୮ ଏକର ଜମି ପଡ଼ିଆ ପଡ଼ିଛି।

-ବାଉରୀବନ୍ଧୁ ପାଳ, ବାଙ୍କଟିଆ

**କେନାଲ ଶେଷ ମୁଣ୍ଡ ଜମି ଶୁଖିଲା**



“କେନାଲ ଶେଷମୁଣ୍ଡରେ ଜମି ଶୁଖିଲା ପଡ଼ିଛି। ୨୦ ଏକର ଜମିରେ ଚାଷ କରିବାକୁ ଲକ୍ଷ୍ୟ ଥିଲା। ୧ ଏକର ଜମିରେ ବି ଭଲ ଭାବେ ରୁଆ ହୋଇପାରିନାହିଁ।

-ସରୋଜ ରାଉତ, କୁନୁଆ

**ବର୍ଷା ନ ଥିବାରୁ ହାତଟେକି ବସିଛୁ**



“ନବକିଶୋରପୁର କପିସାହି ଅଞ୍ଚଳର ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାଆନ୍ତି। ପାହାଡ଼ିଆ ଜମି ହୋଇଥିବାରୁ ସମସ୍ୟା ହେଉଛି। ବର୍ଷା ନ ଥିବାରୁ ହାତଟେକି ବସିଛୁ।

-କବିରାଜ ପ୍ରଧାନ, କପିସାହି

# କଳାସଂସ୍କୃତିରେ ଢେଙ୍କାନାଳ ଅଗ୍ରଣୀ

**ଢେଙ୍କାନାଳ ଅଫିସ, ୭।୮**

**୭ମ ସପ୍ତଶଯ୍ୟା ମହୋତ୍ସବ**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମୟୂର ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ୭ମ ସପ୍ତଶଯ୍ୟା ମହୋତ୍ସବ ଶନିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଏହାକୁ ଉଦ୍‌ଘାଟନ କରି କହିଲେ, କଳାସଂସ୍କୃତିରେ ଢେଙ୍କାନାଳ ଜିଲା ରାଜ୍ୟରେ ଅଗ୍ରଣୀ। କହିବାକୁ ଗଲେ ଲୋକକଳା ଏବଂ ଲୋକପରମ୍ପରାକୁ ଜିଲାବାସୀ ବଞ୍ଚାଇ ରଖିଛନ୍ତି। ଜିଲାର ପ୍ରତିଭାବାନ କଳାକାରଙ୍କୁ ବିକଶିତ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ଜିଲାବାସୀ ନିଜ ସାମିଲ କରି ଜିଲାକୁ ଗୌରବାନ୍ୱିତ କରିବାକୁ ଜିଲା ପରିଷଦ ସଭାନେତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ସରୋଜ କୁମାର ଶତପଥୀ ଯୋଗଦେଇ କହିଲେ, କଳାକାରଙ୍କ ଜୀବନରେ ଅନେକ ସମସ୍ୟା ଥାଏ। ତଥାପି ସେମାନେ ଏହାକୁ ପଛରେ ପକାଇ ଲୋକମାନଙ୍କ ମନୋରଞ୍ଜନ କରିଥାଆନ୍ତି। କଳାକାର ସମ୍ମାନ ପାଇବାକୁ ହକ୍‌ଦାର ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଆଜବେଷ୍ଟସ୍ ଲିମିଟେଡ୍ ବିଦ୍ୟୁତ ବିଭାଗ ପ୍ରବନ୍ଧକ ବିଜୟ ବିଶ୍ୱାଳ କଳାସଂସ୍କୃତିର ବିକାଶ ପାଇଁ ସାଂସ୍କୃତିକ ଅନୁଷ୍ଠାନର ପ୍ରୟାସକୁ ସ୍ୱାଗତ କରିଥିଲେ।

ଡ. ଆମ୍ବେଦକର ସୋସାଇଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ବନମାଳୀ ମଲ୍ଲିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ କଳାକାର ଏବଂ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଉଜ୍ଜ୍ୱଳ ଆଲୋକରେ ଝଲସିଲା ବାରବାଙ୍କି



କପିଳାସ ପୀଠ ବାରବାଙ୍କି ରାସ୍ତା ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଉଛି।

**ଢେଙ୍କାନାଳ ଅଫିସ, ୭।୮**

- ସରିଲା ୨ କିଲୋମିଟର ରାସ୍ତାର ଆଲୋକୀକରଣ
- ୩ ମାସ ମଧ୍ୟରେ ଅବଶିଷ୍ଟ ୩ କିଲୋମିଟର

ପ୍ରସିଦ୍ଧ ଶୈବପୀଠ କପିଳାସ ବାରବାଙ୍କି ରାସ୍ତାର ପ୍ରଥମ ପର୍ଯ୍ୟାୟ ସ୍ଥାୟୀ ଆଲୋକୀକରଣ ବ୍ୟବସ୍ଥା ରବିବାର ଲୋକାର୍ପିତ ହୋଇଛି। ମନ୍ଦିର ପାର୍ଶ୍ୱରୁ କପିଳାସ ପାଦଦେଶ ପର୍ଯ୍ୟନ୍ତ ୫ କି.ମି. ଘାଟି ରାସ୍ତା ମଧ୍ୟରୁ ପ୍ରାରମ୍ଭିକ ଭାବେ ୨ କିଲୋମିଟର ରାସ୍ତାରେ ଏଲ୍‌ଇଡି ଲାଇଟ୍ ଲାଗିଥିବାବେଳେ ୩ ମାସ ମଧ୍ୟରେ ଅବଶିଷ୍ଟ ୩ କିମି ରାସ୍ତାରେ ଅନୁରୂପ ସୁବିଧା କରାଯିବ। ପ୍ରଥମ ପର୍ଯ୍ୟାୟ ଆଲୋକୀକରଣରେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୪୪ଟି ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗ ସହାୟତାରେ ନିର୍ଦ୍ଧାରିତ ସମୟରେ କାମ ଶେଷ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ସେ କହିଲେ, ଢେଙ୍କାନାଳ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୫୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। କପିଳାସ ପୀଠର ଉନ୍ନୟନ ଦିଗରେ ଅଧିକ ଧ୍ୟାନ ଦିଆଯାଉଛି। ସମ୍ମାନିତ ଅତିଥି ଏମ୍‌ପି ମହେଶ ସାହୁ କହିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ କରାଯାଉଛି। କପିଳାସର ଉନ୍ନତୀକରଣ ହେଉଛି। ଏଥିଲାଗି ଆବଶ୍ୟକ ସମସ୍ତ ସହଯୋଗ ଦିଆଯିବ। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠ କପିଳାସ ବାରବାଙ୍କି ଘାଟିରାସ୍ତାର ୨ କିମି ଆଲୋକୀକରଣ କରାଯାଇଛି। ଏଥିରେ ଦେବୋତ୍ତର ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କପିଳାସ ପାଦ ଦେଶରେ ୧ନଂ. ବାଙ୍କି ନିକଟରେ ମହାଦେବଙ୍କର ୬ଫୁଟ ଉଚ୍ଚତାର ଏକ ମୂର୍ତ୍ତି ସ୍ଥାପନ କରାଯିବ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଏବଂ ଭକ୍ତିଭାବ ସୃଷ୍ଟି ପାଇଁ ମହାଦେବଙ୍କ ପ୍ରତିମୂର୍ତ୍ତିର ମସ୍ତକରୁ ପାଣି ବାହାରିବା ବ୍ୟବସ୍ଥା କରାଯିବ। ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ। ପର୍ଯ୍ୟଟନର ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୫୦ କୋଟି ଟଙ୍କା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରାକୃତିକ ଶୋଭାରାଜିରେ ଭରପୂର ଦଦରାଘାଟି ଓ ସାପୁଆ ଜଳଭଣ୍ଡାର, ସପ୍ତଶଯ୍ୟା, ନାଧରାସ୍ଥିତ ମା’ ରାମଚଣ୍ଡୀଙ୍କ ପୀଠ ସମେତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ବିଡିଓ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଲାଗିଥିବା ଏଲ୍‌ଇଡି ଲାଇଟ୍।



ଢେଙ୍କାନାଳ ଜିଲା କାମାକ୍ଷାନଗର ମୁଣ୍ଡିଦେଉଳି ବଜାର କମିଟି ପକ୍ଷରୁ ରବିବାର ଢେଙ୍କାନାଳ–କାମାକ୍ଷାନଗର ରାସ୍ତାର ଜଡାପାଳ ଛକଠାରେ କାଉଡ଼ିଆ ଶ୍ରଦ୍ଧାଳୁଙ୍କୁ ବିବିଧ ସେବା ପ୍ରଦାନ କରାଯାଇଛି। ଯୁବଗୋଷ୍ଠୀଙ୍କ ତରଫରୁ ମାନସିକଧାରୀଙ୍କୁ ପ୍ରସାଦ ବଣ୍ଟନ କରାଯିବା ସହ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା।

# ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**କାମାକ୍ଷାନଗର, ୭।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପୂର୍ତ୍ତ ବିଭାଗ ତରଫରୁ ରବିବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ବଜାରରେ ରାଜସ୍ୱ ବିଭାଗ ଡାକବଙ୍ଗଳା, ମହୁଲପାଳ ନିକଟରେ ପଥପ୍ରାନ୍ତ ଯାତ୍ରୀନିବାସ ଏବଂ ଭୋଜନାଳୟର ଶିଳାନ୍ୟାସ କରିଥିଲେ। ଏହି ସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, ସହକାରୀ ଯନ୍ତ୍ରୀ ଦୀପ୍ତିମୋହନ ମଲ୍ଲିକ, ଅଚ୍ୟୁତାନନ୍ଦ ମଲ୍ଲିକ, ମଙ୍ଗୁଲାଲ କଟାରୁକା, ସିଲୁ ସାହୁ, ଧର୍ମେନ୍ଦ୍ର ଦାସ, ବନମାଳୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟମରେ କାମାକ୍ଷାନଗର ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ରାସ୍ତାଘାଟ, ପୋଖରୀ ସମେତ ସରାଞ୍ଚଳର ବିକାଶ ଲାଗି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜସ୍ୱ ଡାକବଙ୍ଗଳା, ଯାତ୍ରୀନିବାସ ଏବଂ ଭୋଜନାଳୟ କାର୍ଯ୍ୟକ୍ଷମ ହେବା ପରେ କେବଳ ଅଞ୍ଚଳବାସୀ ନୁହନ୍ତି, ବାହାରୁ ଆସୁଥିବା ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ସେହିପରି କାମାକ୍ଷାନଗରକୁ ଢେଙ୍କାନାଳ ଜିଲାର ସର୍ବଶ୍ରେଷ୍ଠ ଏନ୍ଏସିରେ ପରିଣତ କରିବା ଲାଗି ଆବଶ୍ୟକ ସମସ୍ତ ସହଯୋଗ କରାଯିବ ବୋଲି ନଗରପାଳ କହିଛନ୍ତି।



ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ, ନଗରପାଳଙ୍କ ସମେତ ଅନ୍ୟମାନେ।

# ଆକ୍ୟୁପ୍ରେସର କର୍ମଶାଳା

**ଢେଙ୍କାନାଳ ଅଫିସ, ୭।୮**

ଢେଙ୍କାନାଳ କୁଞ୍ଜକାନ୍ତଠାରେ ଶନିବାର ଆକ୍ୟୁପ୍ରେସର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିମା ଯୋଗ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଭୁବନେଶ୍ୱର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଯୋଗ ଓ ଆକ୍ୟୁପ୍ରେସର ଚିକିତ୍ସା କିଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗ ଓ ଆକ୍ୟୁପ୍ରେସର ଥେରାପିଷ୍ଟ ଅଶ୍ୱିନୀ କୁମାର ପତି ଆକ୍ୟୁପ୍ରେସର ମାଧ୍ୟମରେ ବିଭିନ୍ନ ରୋଗର ଉପଚାର ସମ୍ଭବ ବୋଲି କହିଥିଲେ। ସବିତା ତ୍ରିପାଠୀ ଚୁମ୍ବକ ଚିକିତ୍ସା ଉପରେ ତଥ୍ୟ ଉପସ୍ଥାପନା କରିବା ସହ ଚିକିତ୍ସା ପଦ୍ଧତି ବତାଇଥିଲେ। କର୍ମଶାଳାରେ ସରିତା ପଟ୍ଟନାୟକ, ରଞ୍ଜିତା ପାତ୍ର, ଲିନା ଚାନ୍ଦ, ମିନତୀ ମହାରାଜ, ତ୍ରୁଷ୍ଟି ମୋନାଲିସା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଗୋପୀନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ଦଦରା ଘରେ ଦୟନୀୟ ଜୀବନ

- ଅସହାୟ ଅବସ୍ଥାରେ ୪ ପ୍ରାଣୀ
- ସରକାରୀ ଯୋଜନା ସାତସପନ
- ଆବାସ କାର୍ଯ୍ୟାଦେଶକୁ ଅପେକ୍ଷା



ଘର କାନ୍ଥ ଭାଙ୍ଗିଯାଇଛି।

**ପରଜଙ୍ଗ, ୭।୮(ଡି.ଏନ.ଏ.)**

କାଦୁଅ ଲେସା ଇଟା କାନ୍ଥ ସାହାରାରେ ଛିଡ଼ା ହୋଇଛି ଝାଟିମାଟିର ଘର। କେଉଁଠି ଭୁଶୁଡ଼ି ଗଲାଣି ତ ଆଉ କେଉଁଠି ଭୁଶୁଡ଼ିବା ଅବସ୍ଥାରେ। ଓଲାରି ହୋଇଯାଇଥିବା ଛପରକୁ ସାହା ହୋଇଛି କେଇଖଣ୍ଡ ଖାଲି ସିମେଣ୍ଟ ଅଖା। ଲଗାଣ ବର୍ଷା ହେଲେ କି ଦଲକାଏ ପବନ ବହିଲେ ଦକଦକ ହେଉଛି ଛାତି। ଗୁହାଳଠାରୁ ଦୟନୀୟ ଏହି ବଖରିଆ ଘର ଖଣ୍ଡିକ ୪ ପ୍ରାଣୀଙ୍କ ପାଇଁ ପାଲଟିଛି ଆଶ୍ରା। ମୁଣ୍ଡ ଉପରେ ଛାତ ଖଣ୍ଡିଏ ପାଇଁ ଚାତକ ପରି ଚାହିଁବସିଥିବା ଏହି ପରିବାର ସତେ ଯେମିତି ପ୍ରଶାସନ ପାଇଁ ହୋଇଯାଇଛି ସାତପର। ମାନସିକ ଅନଗ୍ରସର ପୁଅର ବୋଝଠାରୁ ପ୍ରଶାସନିକ ଅବହେଳାର ଯାତନା ବଳିପଡ଼ିଥିବାବେଳେ ଅସହାୟ ଅବସ୍ଥାରେ ଭାଗ୍ୟକୁ ନିନ୍ଦୁଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରୋଡ୍ ପଞ୍ଚାୟତର କୁମୁଦିନୀ ପୃଷ୍ଟି ଏବଂ ତାଙ୍କ ପରିବାର ସଦସ୍ୟ।

'ଖରା ବରଷାକୁ ନାହିଁରେ ଡର, ମୁଣ୍ଡ ଉପର ଅଛି ଛାତ ଘର'। ଏକ ଗରିବ ପରିବାର ପାଇଁ ଆବାସ ଯୋଜନା କେତେ ଜରୁରୀ, ତାହା ଏହି ସ୍ଲୋଗାନ୍‌ରୁ ସ୍ପଷ୍ଟ ଜଣାପଡେ। ହେଲେ କୁମୁଦିନୀଙ୍କ ପରିବାରକୁ ସରକାରଙ୍କ ଏହି ନାରା ଯେମିତି କଟାକ୍ଷ କରୁଛି। ତାଙ୍କ କହିବା କଥା, ସ୍ୱାମୀ ପ୍ରସନ୍ନ ପୃଷ୍ଟି, ୨ ପୁଅ ଏବଂ ବୃଦ୍ଧା ଶାଶୁଙ୍କୁ ନେଇ ତାଙ୍କର ପରିବାର। ପୂର୍ବରୁ ସ୍ୱାମୀ ମୂଲମଜୁରି ଖଟି ରୋଜଗାର କରୁଥିଲେ। ଦଇବ ଦାଉ ସାଜିଲା। ଦେହରେ ବାତ ରୋଗ ପଶିବା ପରେ ସେ ଆଉ ଆଗଭଳି କାମ କରିପାରୁନାହାନ୍ତି। ୧୯ବର୍ଷୀୟ ସାନପୁଅ ପ୍ରଦ୍ୟୁମ୍ନ ୩ବର୍ଷ ହେଲା ମାନସିକ ଭାରସାମ୍ୟ ହରାଇଛନ୍ତି। ବାହାରକୁ ଗଲେ ଜୀବନ ପ୍ରତି ବିପଦ ଥିବାରୁ ସବୁବେଳେ ଘରେ ରହୁଛନ୍ତି। ଘରର ବୋଝ ବଢ଼ିବାରୁ ବଡ଼ପୁଅ ବାହାର ରାଜ୍ୟକୁ ଦାଦନ ଖଟି ପଳାଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଥିବା କୁମୁଦିନୀଙ୍କ ସ୍ୱଳ୍ପ ଦରମା ଟଙ୍କାରେ ରୋଗଣା ସ୍ୱାମୀ, ପୁଅଙ୍କ ଚିକିତ୍ସା ଖର୍ଚ୍ଚ ଉଠାଇବା କାଠିକର ପାଠ ହେଉଥିବାବେଳେ ପରିବାର ଚଳାଇବା କଷ୍ଟକର ହେଉଛି। ଏଭଳି ସ୍ଥିତିରେ ଭଲ ଘର ଖଣ୍ଡେ ନ ଥିବାରୁ ୪ ପ୍ରାଣୀ ବଖରିଆ ଘର ଖଣ୍ଡିକରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ମରାମତି କରିବାକୁ ଅର୍ଥ ନ ଥିବାରୁ ବର୍ଷାଦିନେ ପାଣି ଗଳୁଛି। ସାମାନ୍ୟ ପବନ ହେଲେ ଛଣ ଓଲାରି ହୋଇଯାଉଛି। ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ମଧ୍ୟ ସାମାନ୍ୟ ପଲିଥିନ ଖଣ୍ଡେ ନ ମିଳିବା ଗରିବଙ୍କ ପ୍ରତି ଉପହାସ ଛଡ଼ା କିଛି ନୁହେଁ ବୋଲି କୁମୁଦିନୀ କ୍ଷୋଭର ସହ କହିଛନ୍ତି। ସରକାର ସଦୟ ହୋଇ ଆବାସ ଯୋଜନା ତାଲିକାଭୁକ୍ତ କଲେ ୫ ପ୍ରାଣୀ ଉପକୃତ ହୋଇପାରନ୍ତେ। ଏଥିସହ ପୁଅ ଏବଂ ସ୍ୱାମୀଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢ଼ାଇବାକୁ ସେ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ ବିଶ୍ୱଜିତ୍ ନାୟକ କୁହନ୍ତି, ଆବାସ ଯୋଜନାରେ କୁମୁଦିନୀଙ୍କ ନାମ ରହିଛି। ଘର ଆସିଲେ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ମାନସିକ ଅନଗ୍ରସର ପୁଅଙ୍କ ଡାକ୍ତରୀ ସାର୍ଟିଫିକେଟ ଦାଖଲ କଲେ ଭତ୍ତା ପ୍ରଦାନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।



କୁମୁଦିନୀଙ୍କ ଶାଶୁ ରୋଷେଇ କରୁଛନ୍ତି।

## ସଂକ୍ଷେପରେ

### ମଣପ୍ପୁରମ ସଂସ୍ଥା ଡକାୟତି ଉଦ୍ୟମ ମାମଲା

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଢେଙ୍କାନାଳ ଅଫିସ, ୭।୮:** ଢେଙ୍କାନାଳ କାଞ୍ଚନବଜାରସ୍ଥିତ ମଣପ୍ପୁରମ୍ ଗୋଲ୍ଡ ଲୋନ୍ ପ୍ରଦାନକାରୀ ସଂସ୍ଥା କାର୍ଯ୍ୟାଳୟ ଶାଖାରେ ଡକାୟତି ଉଦ୍ୟମ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୋଲିସ। ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ସଂସ୍ଥା କର୍ମଚାରୀ ଚିହ୍ନଟ କରିସାରିଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇନାହିଁ। ଅନ୍ୟପଟେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ତନାଘନା ଜାରି ରଖିଛି। ସେହିପରି ଗତ ସପ୍ତାହକ ମଧ୍ୟରେ ସହରର ୫ଜଣ ରାସ୍ତାପାର୍ଶ୍ୱ ଦୋକାନୀ ନିଶାଦିଆ ଲୁଟେରାର ଶିକାର ହୋଇଥିବାବେଳେ ଅଭିଯୁକ୍ତ ଧରାପଡ଼ିନାହାନ୍ତି। ସହରରେ ଦିନକୁ ଦିନ ଅପରାଧୀ ସକ୍ରିୟ ହେଉଥିବାବେଳେ ପୋଲିସର ଚିନ୍ତା ବଢ଼ିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଅପରାଧୀଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ। ସୂଚନାଯୋଗ୍ୟ, ଗତ ଶନିବାର ସକାଳ ସାଢ଼େ ୯ଟାରେ କାଞ୍ଚନବଜାରସ୍ଥିତ ମଣପ୍ପୁରମ୍ ଗୋଲ୍ଡ ଲୋନ୍ ପ୍ରଦାନକାରୀ ସଂସ୍ଥା କାର୍ଯ୍ୟାଳୟ ଶାଖାରେ ଡକାୟତି ଉଦ୍ୟମ ହୋଇଥିଲା। ୪ ଅଭିଯୁକ୍ତ କର୍ମଚାରୀଙ୍କୁ ମାଡମାରି ଡକାୟତି ଉଦ୍ୟମ କରିଥିଲେ। ତେବେ ହଠାତ ସାଇରନ ବାଜି ଉଠିବାରୁ ଡକାୟତମାନେ ଛାନିଆ ହୋଇ ଛତ୍ରଭଙ୍ଗ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ସ୍ୱାଧୀନତା ଆନ୍ଦୋଳନରେ ଢେଙ୍କାନାଳର ଅବଦାନ ଅନନ୍ୟ

**ଢେଙ୍କାନାଳ ଅଫିସ, ୭।୮**

ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଶିଶୁମନ୍ଦିରଠାରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ଡ. ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ନାରାୟଣ ମହାନ୍ତି ମୁଖ୍ୟ ଅତିଥି, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳର ଅବଦାନ ଅତୁଳନୀୟ ବୋଲି କହିଥିଲେ। ବୀର ବୈଷ୍ଣବ, ମୂଷା ମଲ୍ଲିକ, ବାଜି ରାଉତଙ୍କ ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ଏ ଜାତି ସବୁବେଳେ ମନେରଖିବ ବୋଲି ମତ ପ୍ରକାଶ ପାଇଥିଲା। ଶିକ୍ଷାବିତ୍ ଅଟଳ ବିହାରୀ ଦାଶ, ସମୀର କୁମାର ସାହୁ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଗ୍ରାମାଞ୍ଚଳରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରାରମ୍ଭରେ ଲୋକନାଥ ଷଡଙ୍ଗୀ ସରସ୍ୱତୀ ବନ୍ଦନା ଗାନ କରିଥିବାବେଳେ ଶଶାଙ୍କ ଶେଖର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବୀ ପ୍ରସାଦ ମିଶ୍ର, ଦୁର୍ଗାଚରଣ ରାଉତ କବିତା ପାଠ କରିଥିଲେ। ପରିଷଦର ରାଜ୍ୟ ଉପସଭାପତି ଦେବରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂଗ୍ରାମୀଙ୍କ ବଳିଦାନ ଅତୁଳନୀୟ

**କାମାକ୍ଷାନଗର, ୭।୮(ଡି.ଏନ୍.ଏ.)**

କାମାକ୍ଷାନଗର ଦାସୀ ପୋଖରୀ ନିକଟ ଶହୀଦ ଭବନ ପ୍ରାଙ୍ଗଣରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆର୍‌ଏସ୍‌ଏସ୍ ଶାଖା ପକ୍ଷରୁ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ସଂଯୋଜକ ଶ୍ରୀରାମ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗର ପଟାନ୍ତର ନାହିଁ। ସେମାନଙ୍କ ସ୍ମୃତିଚାରଣ ଲାଗି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ୧୫ ତାରିଖ ଯାଏ ଚାଲିବ। ଏହାକୁ ସଫଳ କରିବା ଲାଗି ବ୍ଲକସ୍ତରରେ ୧୧ଜଣଙ୍କୁ ନେଇ ଏକ ସମିତି ଗଠନ କରାଯାଇଛି। ଗ୍ରାମସଭା ପ୍ରମୁଖ ଭାବେ ଲିଙ୍ଗରାଜ ଜେନା, ବିଦ୍ୟାଳୟ ପ୍ରମୁଖ ସୁରେଶ ବିଶ୍ୱାଳ, ମହାବିଦ୍ୟାଳୟ ପ୍ରମୁଖ ପ୍ୟାରୀମୋହନ ଖିଲାର, ବକ୍ତା ପ୍ରମୁଖ ଦିବାକର ନନ୍ଦ, ଶୋଭାଯାତ୍ରା ପ୍ରମୁଖ ସଞ୍ଜୟ ରାଉତ, ପୂର୍ବଛାତ୍ର ପ୍ରମୁଖ ଭାବେ ଗୌରଚନ୍ଦ୍ର ନନ୍ଦ ଚୟନ ହୋଇଛନ୍ତି। ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନରେ ପ୍ରଶ୍ନମଞ୍ଚ, ବକ୍ତୃତା ପ୍ରତିଯୋଗିତା ଓ ଗ୍ରାମୀଣସ୍ତରରେ ଗ୍ରାମସଭା ଆୟୋଜନ କରାଯିବ। ବୁଦ୍ଧିଜୀବୀଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହେବ। ଜନସାଧାରଣଙ୍କୁ ନେଇ ତ୍ରିରଙ୍ଗା ବାଇକ୍ ରାଲି କରାଯିବ ବୋଲି ନିଷ୍ପତ୍ତି ହୋଇଛି।




ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

# ରେଙ୍ଗାଳି କେନାଲରେ ବୁଡ଼ି ଚାଷୀ ମୃତ

**ଭୁବନ, ୭।୮(ଡି.ଏନ୍.ଏ.)**

ଚାଷକାମ ସାରି ଗାଧୋଉଥିବାବେଳେ କେନାଲରେ ଭାସିଯାଇ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ଭୁବନ ଥାନା ଧଳପଡ଼ା ପଞ୍ଚାୟତ ଅନଳ ଗ୍ରାମ ନିକଟରେ ପ୍ରବାହିତ ରେଙ୍ଗାଳି କେନାଲରେ ରବିବାର ଘଟିଛି ଏହି ଦୁଃଖଦ ଘଟଣା। ମୃତକ ହେଲେ ଅନ୍ତର୍ଯ୍ୟାମୀ ସେଠୀ (୪୦)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବାପା ଶ୍ରୀଧର ସେଠୀଙ୍କ ସହ ଅନ୍ତର୍ଯ୍ୟାମୀ ଚାଷ କରିବାକୁ ବିଲକୁ ଯାଇଥିଲେ। ଫେରିବା ବେଳେ ସରଞ୍ଜାମ ରଖି କେନାଲରେ ଗାଧୋଉଥିବାବେଳେ ଅନ୍ତର୍ଯ୍ୟାମୀ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପାଖରେ ଥିବା ଯୁବକ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ନିକଟ ଜମିରେ ଚାଷ କରୁଥିବା ଚାଷୀମାନେ ଖୋଜାଖୋଜି କରିବା ସହିତ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ତେବେ ଦମକଳ ବାହିନୀ ଆସିବାରେ ବିଳମ୍ବ କରିବାକୁ ସ୍ଥାନୀୟ ଲୋକେ ଖୋଜାଖୋଜି କରି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଏକ ବେସରକାରୀ ଗାଡିରେ କାମାକ୍ଷାନଗର ଉପଖଣ୍ଡ ଡାକ୍ତଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଛି। ସୋମବାର ଶବ ବ୍ୟବଚ୍ଛେଦ ହେବ। ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ବୃଦ୍ଧ ମାତାପିତା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୮ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୭।୮(ଡି.ଏନ.ଏ.): କିଶୋରନଗର ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବ୍ରାହ୍ମଣୀଦେଇ ଗ୍ରାମର ଟୁଲୁ ପ୍ରଧାନ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ କିଶୋରନଗର ଥାନାରେ ଅଭିଯୋଗ ପରେ ଆଇଆଇସି ଲବ ବୋଡା ନମ୍ବର ୧୩୨/୨୨ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୋଲିସ କହିଛି, ଉକ୍ତ ଯୁବତୀଙ୍କ ସହ ଟୁଲୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ତାଙ୍କୁ ଘରୁ ଡାକିନେଇ ବଳାତ୍କାର କରିଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ଟୁଲୁ ଫେରାର ଥିବା ପୋଲିସ କହିଛି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୭।୮(ଡି.ଏନ.ଏ.)-କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା କ୍ଷେତ୍ରପାଳ ସାହିରେ ଶନିବାର ରାତିରେ ବଇଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ସନ୍ତୋଷ କୁମାର ପ୍ରଧାନଙ୍କ ଘରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ଦୀର୍ଘଦିନ ହେବ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗର ଅଧିକାରୀ ବଳବୀର ଗଡ଼ନାୟକ ଚଢ଼ାଉ କରି ଗିରଫ କରିଥିଲେ।

### ସାପ କାମୁଡ଼ାରେ ନାବାଳକ ମୃତ

ଅନୁଗୋଳ ଅଫିସ,୭।୮-ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ବାସୁଳି ରାଉଳଙ୍କ ପୁଅ ଚନ୍ଦନ ରାଉଳ(୧୬)। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଚନ୍ଦନ ଖାଇ ସାରିବା ପରେ ତାଙ୍କ ମଝିଆ ଭାଇଙ୍କ ସହ ଶୋଇବାକୁ ଯାଇଥିଲେ। ରାତି ୧୨ଟା ବେଳକୁ ତାଙ୍କ ତଣ୍ଟି ଶୁଖିବା ସହ ଅସ୍ତବ୍ୟସ୍ତ ଲାଗିଥିଲା। ଏ ନେଇ ସେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଅଟୋରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଲେ। ତାଙ୍କୁ ବିଷଧର ସାପ କାମୁଡ଼ିଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଅନୁଗୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଡେରଜାଙ୍ଗ ଡ୍ୟାମ୍‌ରେ ବୁଡ଼ି ଜଣେ ନିଖୋଜ

ଅନୁଗୋଳ ଅଫିସ,୭।୮-ଅନୁଗୋଳ ସଦର ଥାନା ଓ ଜରପଡ଼ା ଥାନା ଅନ୍ତର୍ଗତ ଡେରଜାଙ୍ଗ ଡ୍ୟାମରେ ବୁଡ଼ି ଯୁବ ଇଂଜିନିୟର ବିଭାଂଶୁ ହୋତା ନିଖୋଜ ହୋଇଯାଇଛନ୍ତି। ଦୁଇ ଥାନା ଓ ଅଗ୍ନିଶମ ବିଭାଗ ପକ୍ଷରୁ ବହୁ ଖୋଜାଖୋଜି କରିବା ପରେ ନିଖୋଜ ଯୁବକଙ୍କ ପତ୍ତା ମିଳିନାହିଁ। ରବିବାର ସକାଳେ ୪ରୁ ୫ ଜଣ ଯୁବକ ବର୍ଷାରେ ଡେରଜାଙ୍ଗ ଡ୍ୟାମ୍ ବୁଲିବା ସହ ଗାଧୋଇ ଥିଲେ। ସେମାନଙ୍କ ସହ ଥିବା ବିଭାଂଶୁ ପାଣିରେ ବୁଡ଼ି ଯାଇଥିଲେ। ଅନୁଗୋଳରେ ତୁହାକୁ ତୁହା ବର୍ଷା କାରଣରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

# ୪ ଗିରଫ, ୨ ଫେରାର



ଜବତ ବାଇକ୍।

**ଅନୁଗୋଳ ଅଫିସ, ୭।୮**

ଅନୁଗୋଳ ପୌରାଞ୍ଚଳ ୫ନଂ. ୱାର୍ଡ କାଉନ୍‌ସିଲର ରଣଜିତ୍ ମାଣ୍ଡୋଠିଆଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ରଣଜିତ୍‌ଙ୍କ ଭାଇ ପୱନ ମାଣ୍ଡୋଠିଆ (୪୪), ଛେଳିଆପଡ଼ାର ଭବାନୀଶଙ୍କର ଭଞ୍ଜ ଓରଫ ବୁବୁ (୨୬), ବଲାସିଂହାର ପ୍ରଦ୍ୟୁମ୍ନ ବାରିକ ଓରଫ ବିଭୁ (୨୨), ଶୁଶୁଡ଼ାର ଅଜିତ୍ କୁମାର ଦାସ ଓରଫ ଚିକୁ (୨୧)। ଅନ୍ୟ ୨ ଅଭିଯୁକ୍ତ କରଡ଼ାଗାଡ଼ିଆର ଆଲୋକ ବେହେରା ଏବଂ ଶୁଶୁଡ଼ାର ରିଙ୍କୁ ଫେରାର ଅଛନ୍ତି। ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜିନ୍ଦଲ ଏୟାର ଫିଲ୍ଡ ନିକଟରୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ୍ (ଓଡ଼ି ୧୯ ପି ୯୫୯୪ ଏବଂ ଓଆର୍ ୧୯ ଏମ୍ ୨୨୮୬) ଜବତ କରାଯାଇଛି। ପାରିବାରିକ କହଳକୁ କେନ୍ଦ୍ରକରି ରଣଜିତ୍‌ଙ୍କୁ ହତ୍ୟା କରିବାକୁ ୮ ମାସ ତଳେ ୫ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଆଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୪୦ହଜାର ଟଙ୍କା ଦେଇଥିଲେ ପୱନ। ଏପରି କି ହତ୍ୟା ପାଇଁ ଭବାନୀଶଙ୍କର ୭୫୦ ଟଙ୍କା ଦେଇ ଅନ୍‌ଲାଇନ୍‌ରେ ଟାଙ୍ଗିଆ କିଣିଥିବା ଥାନାଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଦୁଇଭାଇଙ୍କ ମଧ୍ୟରେ ପାରିବାରିକ ତିକ୍ତତା ବୃଦ୍ଧି ପାଇବା ପରେ ରଣଜିତ୍‌ଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ ପୱନ। ଏଥିଲାଗି ୮ ମାସ ତଳେ ଆଲୋକଙ୍କୁ ୪୦ ହଜାର ଟଙ୍କା ସୁପାରି ଦେଇଥିଲେ। କାମ ପରେ ଅବଶିଷ୍ଟ ୪ ଲକ୍ଷ ୬୦ ହଜାର ଦେବାକୁ ଛିଣ୍ଡିଥିଲା। ଏହି କାର୍ଯ୍ୟଲାଗି ଆଲୋକ ସୁପାରିକିଲର ଭବାନୀଶଙ୍କରଙ୍କ ସହାୟତା ଲୋଡ଼ିଥିଲେ ଏବଂ ୨୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହି ସମୟରେ ଭବାନୀଶଙ୍କର ଏକ ମାମଲାରେ ନିଶା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଫଳରେ ଯୋଜନା ଫେଲ୍ ମାରିଥିଲା। ୧୫ଦିନ ତଳେ ଭବାନୀଶଙ୍କର ଜେଲରୁ ବାହାରିବା ପରେ ରଣଜିତ୍‌ଙ୍କୁ ହତ୍ୟା କରିବା ଲାଗି ପୁଣି ଯୋଜନା ହୋଇଥିଲା। ଗତ ୩ ତାରିଖ ରାତିରେ ରଣଜିତ୍ ଘରକୁ ଫେରିବା ସମୟରେ ଗାନ୍ଧୀ ମାର୍ଗ ରାସ୍ତାରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଭବାନୀଶଙ୍କର ତାଙ୍କୁ ଟାଙ୍ଗିଆରେ ୨ ଚୋଟ ପକାଇଥିଲେ। ଗୋଟିଏ ଚୋଟ କାନ୍ଧରେ ବାଜିଥିବାବେଳେ ଆଉ ଏକ ଚୋଟ ଗାଡ଼ିର ହେଣ୍ଡେଲରେ ବାଜିଥିଲା। ଫଳରେ ରଣଜିତ୍ ବର୍ତ୍ତି ଯାଇଥିଲେ।

ଅନ୍ୟପଟେ ଆକ୍ରମଣ କରିବା ପରେ ଗୋଟିଏ ବାଇକ୍‌ରେ ରିଙ୍କୁ, ଭବାନୀଶଙ୍କର ଏବଂ ଅନ୍ୟ ବାଇକ୍‌ରେ ପ୍ରଦ୍ୟୁମ୍ନ ଓ ଅଜିତ୍ ଜିନ୍ଦଲ ଅଞ୍ଚଳକୁ ପଳାଇଥିଲେ। ପରଦିନ ଭୋର୍ ସମୟରେ ବଲାସିଂହା ଆସି ଆତ୍ମଗୋପନ କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ପ୍ରଥମେ ଭବାନୀଶଙ୍କର ଏବଂ ପ୍ରଦ୍ୟୁମ୍ନଙ୍କୁ ଉଠାଇ ଆଣି ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରିଥିଲା। ଏହାପରେ ଅଜିତ ଧରାପଡ଼ିଥିଲେ। ପୱନଙ୍କ ଘରକୁ ଯାଇ ଥାନାଧିକାରୀ ତାଙ୍କୁ ଉଠାଇ ଆଣିଥିଲେ। ଆଲୋକଙ୍କୁ ଧରିବାକୁ ଭୁବନେଶ୍ୱର ଯାଇଥିବା ପୋଲିସ ଖାଲି ହାତରେ ଫେରିଛି। ଏସ୍‌ଆଇ ପ୍ରଶାନ୍ତ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

**କାଉନସିଲରଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣା**

- ଭାଇଙ୍କୁ ହତ୍ୟା କରିବାକୁ ୫ ଲକ୍ଷ ଟଙ୍କାର ଡିଲ୍
- ୪୦ ହଜାର ଟଙ୍କା ଅଗ୍ରିମ ଦେଇଥିଲେ
- ଅନ୍‌ଲାଇନ୍‌ରେ କିଣାଯାଇଥିଲା ଟାଙ୍ଗିଆ

### ଅଭିଯୁକ୍ତଙ୍କ ସହ ଜନ୍ମଦିନ ପାଳନ

#### ଯୁବନେତାଙ୍କ ଫଟୋ ଭାଇରାଲ୍

କାଉନ୍‌ସିଲର ରଣଜିତ୍ ମାଣ୍ଡୋଠିଆଙ୍କୁ ବୁଧବାର ରାତିରେ ଆକ୍ରମଣ ପରେ ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ସୁପାରି ନେଇଥିବା ଆଲୋକ ବେହେରା ଅନୁଗୋଳ ବିଧାୟକଙ୍କ ପୁଅ ତଥା ଯୁବନେତା ଅରୁଣାଭ ସିଂଙ୍କ ସହ ୪ ତାରିଖ ସନ୍ଧ୍ୟାରେ ଜନ୍ମଦିନ ପାଳିଥିଲେ। ଏଥିପୂର୍ବରୁ ସକାଳେ ଅରୁଣାଭ ଏସ୍‌ପିଙ୍କୁ ଭେଟି ଆକ୍ରମଣକାରୀଙ୍କୁ ଧରିବା ଲାଗି ଦାବିପତ୍ର ଦେଇଥିଲେ। ଏବେ ଆକ୍ରମଣକାରୀଙ୍କ ସହ ଅରୁଣାଭଙ୍କ ଜନ୍ମଦିନର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ସହରରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଅରୁଣାଭ କହିଛନ୍ତି, ସେ ଆଲୁମିନିୟମ ପାର୍କରେ କେକ୍‌କାଟି ଜନ୍ମଦିନ ପାଳନ କରିଥିଲେ। କିନ୍ତୁ ଆଲୋକ କିଏ ସେ ଜାଣି ନାହାନ୍ତି। ତାଙ୍କୁ ଯେଉଁ ଗୋଷ୍ଠୀ ଡାକିଥିଲେ, ସେମାନଙ୍କ ସହ ସେ ଜନ୍ମଦିନ ପାଳନ କରିବାକୁ ଯାଇଥିଲେ। ଆଲୋକଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।


ଭାଇରାଲ ହୋଇଥିବା ଫଟୋ।

### ରେଙ୍ଗାଳି ଡ୍ୟାମରୁ ଡେଇଁ ଯୁବକ ନିଖୋଜ

**କଣିହାଁ,୭।୮(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରକୁ ଡେଇଁ ଜଣେ ଯୁବକ ଶନିବାର ମଧ୍ୟରାତ୍ରରୁ ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଢେଙ୍କାନାଳ ଜିଲା ବରିହାପୁରର ସରୋଜ ବିଶ୍ୱାଳ(୪୫) ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଚଳାଉଥିଲେ। ଶନିବାର ରାତି ୧୧ଟାରେ ଏକ ସ୍କୁଟି ନଂ.(ଓଆର-୦୨-ବିବି-୮୩୨୨) ଯୋଗେ ରେଙ୍ଗାଳି ଡ୍ୟାମ ଉପର ଦେଇ ଭାଲିଆବେଢ଼ା ଗ୍ରାମକୁ ଯାଉଥିଲେ। ଡ୍ୟାମର ସୁରକ୍ଷା କର୍ମୀ ତାଙ୍କ ପରିଚୟ ଓ ଏତେ ରାତିରେ କୁଆଡ଼େ ଯାଉଛ ବୋଲି ପଚାରିବା ପରେ ଛାଡ଼ିଦେଇଥିଲେ। ସରୋଜ ପୁଣି ରାତି ସାଢେ ଏଗାରଟାରେ ଫେରି ଆସି ଡ୍ୟାମ ଉପରେ ନିଜ ସ୍କୁଟି ରଖିଥିଲେ। କିଛି ଦୂରରେ କାର୍ଯ୍ୟରତ ସୁରକ୍ଷା କର୍ମୀ ଡ୍ୟାମ ଉପରେ ଗାଡ଼ି ରହିବା ଦେଖି ନିକଟକୁ ଯାଇଥିଲେ ମଧ୍ୟ ସ୍କୁଟି ପାଖରେ କାହାରିକୁ ପାଇ ନ ଥିଲେ। ସରୋଜଙ୍କ ସାନ ଭାଇ ସଂଜୟ ବିଶ୍ୱାଳ ଖବରପାଇ ରେଙ୍ଗାଳି ଡ୍ୟାମଠାରେ ପହଞ୍ଚି ତାଙ୍କ ଭାଇଙ୍କ ସ୍କୁଟି ଚିହ୍ନଟ କରିଥିଲେ। ତାଙ୍କ ଭାଇ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରକୁ ଡେଇଁ ନିଖୋଜ ହୋଇଯାଇଥିବା ନେଇ ରେଙ୍ଗାଳି ଥାନାରେ ଅଭିଯୋଗ କରିଥିଲେ। ରେଙ୍ଗାଳି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜଳଭଣ୍ଡାରକୁ ଡେଇଁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଖବରଲେଖା ଯିବା ପର୍ଯ୍ୟନ୍ତ ସରୋଜଙ୍କ କୌଣସି ସନ୍ଧାନ ମିଳିନାହିଁ।

# ଅମୃତ ମହୋତ୍ସବ ପାଳିତ


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ,୭।୮**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ଗ୍ରାମରେ ଶନିବାର ଡାକ ବିଭାଗ ତରଫରୁ ଆଜାଦୀକା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ସକାଳେ ରାଣୀଗୋଡା ଶାଖା ଡାକ ଘରୁ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡାକ ବିଭାଗର ସହ ଅଧୀକ୍ଷକ ଅନୁଗୋଳ ପୂର୍ବ ଉପଖଣ୍ଡ ଚିକନ କୁମାର ଦେବତାଙ୍କ ନେତୃତ୍ୱରେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ (୨)ର ଛାତ୍ରୀଛାତ୍ର, ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଡାକ କର୍ମଚାରୀ ଗଣ ଓ ସ୍ଥାନୀୟ ଶାଖା ଡାକପାଳ ଶୁଭଙ୍କର ସାହୁ, ପିଟିସି ଉପ ଡାକ ଘର ଉପ ଡାକପାଳ ଗୋପୀନାଥ କର, ସ୍ଥାନୀୟ ସରପଞ୍ଚ ପ୍ରକାଶ ଦେହୁରୀ, ବିଦ୍ୟାଳୟର ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା, ବିପ୍ରଚରଣ ବେହେରା, ହେମଲତା ପଟେଲ, ନିରୁପମା ସାହୁ, ଗ୍ରାମ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜକିଶୋର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିଲ ବେହେରା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ ଉପ ଅଧୀକ୍ଷକ ଦେବତା, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା, ଶାଖା ଡାକପାଳ ଶୁଭଙ୍କର ସାହୁ ଯୋଗଦେଇ ତ୍ରିରଙ୍ଗାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରାଙ୍କ ଧନ୍ୟବାଦ ଦେଇଥିଲେ।

### ଭଦ୍ରକରୁ ପୁରୀକୁ ଚାଲିବ ନୂତନ ମେମୁ ଟ୍ରେନ୍

**ଭଦ୍ରକ ଅଫିସ, ୭।୮**

ଭଦ୍ରକରୁ ପୁରୀକୁ ଏକ ନୂତନ ମେମୁ ଟ୍ରେନ୍ ଚଳାଇବାକୁ ପୂର୍ବତନ ବିଧାୟକ ନରେନ ପଲେଇ ଗତ ଜୁଲାଇ ୨୨ରେ ଖୋର୍ଦ୍ଧା ଡିଆର୍‌ଏମ୍‌ଙ୍କୁ ଭେଟି ଆଲୋଚନା କରିଥିଲେ। ଉକ୍ତ ମେମୁ ଟ୍ରେନ୍ ଚାଲିବା ନେଇ ଶୁକ୍ରବାର ଖୋର୍ଦ୍ଧା ଡିଆର୍‌ଏମ୍‌ଙ୍କ ପକ୍ଷରୁ ଏକ ଅନୁମୋଦନ ପତ୍ର ପ୍ରକାଶ ପାଇଛି। ଏହି ଚିଠି ସିନିୟର ଅପରେଶନ ଡିଭିଜନାଲ ଅଧିକାରୀଙ୍କୁ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି। ମେମୁ ଟ୍ରେନ୍ (ନଂ. ୦୮୪୦୭) ଭଦ୍ରକରୁ ସକାଳ ୭ଟାରେ ଛାଡ଼ିବା ପରେ ଦିନ ୧୨ଟା ୩୦ରେ ପୁରୀରେ ପହଞ୍ଚିବ ଏବଂ ପୁରୀରୁ ଅପରାହ୍ଣ ୧ଟା ୧୫ରେ ବାହାରି ଭଦ୍ରକରେ ସନ୍ଧ୍ୟା ୬ଟାରେ ପହଞ୍ଚିବାର ସମୟ ନିର୍ଦ୍ଧାରିତ କରାଯାଇଛି। ପ୍ରକାଶଥାଉକି, ଏହି ଟ୍ରେନ୍ ଚଳାଚଳ ଦାବିରେ ଶନିବାର ଏକ ଘଣ୍ଟିଆ ରେଳରୋକୋ ପାଇଁ ପୂର୍ବତନ ବିଧାୟକ ପଲେଇ ଘୋଷଣା କରିଥିଲେ। ଚିଠି ପାଇବା ପରେ ରେଳରୋକୋ ବାତିଲ କରାଯାଇଥିବା ସେ କହିଛନ୍ତି।

## ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

**ବଣ୍ଡାଁରପାଳ,୭।୮(ଡି.ଏନ.ଏ.)**

ଭାରତ ମାତା ସେବା ଆନୁକୂଲ୍ୟରେ ରବିବାର ନାଲ୍‌କୋ ନଗରଠାରେ ୭୫ ବର୍ଷ ଅମୃତ ମହୋତ୍ସବ ଉପଲକ୍ଷେ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ମୀନାବଜାରଠାରୁ ଏହି ଶୋଭାଯାତ୍ରା ବାହାରି ନାଲ୍‌କୋନଗର ପରିକ୍ରମା କରିଥିଲା। ଏହାପରେ ବଣ୍ଡାଁରପାଳ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ସୁକାନ୍ତ ନାଥ, ବନମାଳୀ ସେଠୀ, ସଞ୍ଜୟ ଦେହୁରୀ, ଗୋପାଳ ମଲ୍ଲିକ, ବିଚିତ୍ରାନନ୍ଦ ନାୟକ, କିଟୁ ପଣ୍ଡା, ଦିବ୍ୟରଞ୍ଜନ ସାମଲ, ସଞ୍ଜୀବ କୁମାର, ସନ୍ତୋଷ ରାଏ, ବିନୋଦ ସାମଲ, ଖଗେଶ୍ୱର ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।



ନାଲ୍‌କୋ ମୀନାବଜାରଠାରୁ ବାହାରି ଥିବା ବାଇକ୍ ଶୋଭାଯାତ୍ରା।

## ଉଦ୍‌ଘାଟନୀ ମ୍ୟାଚ୍‌ରେ ନାଲ୍‌କୋ ଜୁନିୟର ଏଫ୍‌ସି ବିଜୟୀ

**ଓପି ଜିନ୍ଦଲ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ଅନୁଗୋଳ ଅଫିସ, ୭।୮**

ଅନୁଗୋଳ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ନାମେଣ୍ଟ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଚିଫ୍ ଡେଭେଲପମେଣ୍ଟ ଅଫିସର ଲଳିତ ମୋହନ ବେହେରା, ଉପଜିଲାପାଳ ବାଇଦୁରା ଦୀପ, ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ହେଡ୍ ହୃଦୟେଶ୍ୱର ଝା, ସିଏସ୍‌ଆର ଜିଏମ୍ ପୁଷ୍ପଲତା ଶତପଥୀ, ବ୍ରିଗେଡିୟର ଡି.ବି. ପାଣି, ବିପିନବିହାରୀ ପାଣି, ପ୍ରଶାନ୍ତ କୁମାର ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ପାଲଲହଡ଼ା ଏଫ୍‌ସିକୁ ୨-୧ ଗୋଲ୍‌ରେ ହରାଇ ନାଲ୍‌କୋ ଜୁନିୟର ଏଫ୍‌ସି ବିଜୟୀ ହୋଇଛି। ଖେଳର ୧୨ତମ ମିନିଟ୍‌ରେ ନାଲ୍‌କୋ ଜୁନିୟର ପ୍ରଥମ ଗୋଲ୍ କରିଥିଲା। ୩୫ତମ ମିନିଟ୍‌ରେ ଏହାକୁ ପରିଶୋଧ କରିଦେଇଥିଲା ପାଲଲହଡ଼ା। ପ୍ରଥମାର୍ଦ୍ଧ ୧-୧ ଗୋଲରେ ସୀମିତ ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୩ତମ ମିନିଟ୍‌ରେ ନାଲକୋ ଜୁନିୟର ଦ୍ୱିତୀୟ ଗୋଲ ସ୍କୋର କରିଥିଲା। ପାଲଲହଡ଼ା ଖେଳାଳିଙ୍କୁ ଗୋଲ କରିବାର ସୁଯୋଗ ମିଳିଥିଲେ ମଧ୍ୟ ସେମାନେ ହାତଛଡ଼ା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ସ୍ୱାଗତ ଭାଷଣ ଦେଇଥିଲେ। ରେଫରି ଭାବେ ପ୍ରଶାନ୍ତ ପାଲ, ଦିଲୀପ ରାଉତ, ଟି. ଗଡ଼ନାୟକ, ଅଶୋକ ପଣ୍ଡା ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

## ଜୟନ୍ତୀରେ ଓପି ଜିନ୍ଦଲଙ୍କ ସ୍ମୃତିଚାରଣ


ଅନୁଗୋଳ ସ୍ଥିତ ଜିନ୍ଦଲରେ କର୍ମଚାରୀମାନେ ଓପି ଜିନ୍ଦଲଙ୍କ ସ୍ମୃତିଚାରଣ କରୁଛନ୍ତି।

**ଅନୁଗୋଳ ଅଫିସ,୭।୮**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପ୍ରତିଷ୍ଠାତା ତଥା ଉଦ୍ୟୋଗପତି ଓମ୍ ପ୍ରକାଶ ଜିନ୍ଦଲ (ବାଉଜୀ)ଙ୍କ ୯୨ତମ ଜୟନ୍ତୀରେ କମ୍ପାନୀ ପକ୍ଷର ବିବିଧ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ କମ୍ପାନୀ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମର ବାସିନ୍ଦା ପୁଷ୍ପମାଲ୍ୟ ଅର୍ପଣ କରି କିମ୍ବଦନ୍ତୀ ପୁରୁଷ ଓପି ଜିନ୍ଦଲଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନେଶ କୁମାର ସରୋଗୀ, ଅନୁଗୋଳ ପ୍ଲାଣ୍ଟ ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସବ୍ୟସାଚୀ ବନ୍ଦୋପାଧ୍ୟାୟ, ଦାମୋଦର ମିତ୍ତଲ, ମାନବସମ୍ବଳ ବିଭାଗ ଇଭିପି ରବି ଶଙ୍କର, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ। ଜିଲା ରେଡ୍‌କ୍ରସ ରକ୍ତ ଭଣ୍ଡାର ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରକୁ ଅନୁଗୋଳ ପ୍ଲାଣ୍ଟ ନିର୍ବାହୀ ନିର୍ଦ୍ଦେଶକ ଝା ଉଦ୍‌ଘାଟନ କରିଥିଲେ। ୧୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସହରର ଜରାଶ୍ରମରେ ବରିଷ୍ଠ ନାଗରିକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଓ.ପି. ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର କର୍ମଚାରୀମାନେ ମଧ୍ୟ ବାଉଜୀଙ୍କ ସ୍ମୃତିଚାରଣ କରିଛନ୍ତି। ଏହି ଅବସରରେ ହୋମଯଜ୍ଞ ଏବଂ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜିନ୍ଦଲ ମହିଳା ସମିତି ଓ ଦେବଭୂମି ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ଓ.ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି କମ୍ପାନୀର ଭୁବନେଶ୍ୱର ଅଫିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମ୍ପାନୀ ସିଏସଆର ଗ୍ରୁପ ହେଡ୍ ପ୍ରଶାନ୍ତ କୁମାର ହୋତାଙ୍କ ନେତୃତ୍ୱରେ ଶିଶୁ ଗୃହର ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।


ରକ୍ତଦାନ ଶିବିର ଉଦ୍‌ଘାଟନ କରାଯାଉଛି।

